



# କମିସନରେଟ୍ ପୁଲିସର ବିଚିତ୍ର ନ୍ୟାୟ

# ଚାପରେ ପୁଲିସ; ଅପରାଧୀ ବେଫିକର

**ଅନଭିଜ୍ଞଙ୍କ ହାତରେ ସହରର ସୁରକ୍ଷା ● ଅଧିକାରୀଙ୍କ ବଦଳି ନୀତି ଉପରେ ପ୍ରଶ୍ନ ● ସହରରେ ପୁଣି ମୁଣ୍ଡ ଟେକିଲେଣି ଦୁର୍ଦ୍ଦାନ୍ତ ଗ୍ୟାଙ୍ଗ୍**

କଟକ,୫।୨(ସମିସ):

କଟକ ସହରରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଚୋରି, ଛିନତାଇ ଓ ମାରପିଟ୍ ନିତିଦିନିଆ ଘଟଣା ପାଲଟିଛି। ଅଭିଯୋଗ ହେଉଛି ଯେ କଟକ କମିସନରେଟ୍ ପୁଲିସରୁ ସହରର ନାଡ଼ି ନକ୍ଷତ୍ର ଚିହ୍ନିଥିବା ଦକ୍ଷ ଓ ନିର୍ଭୀକ ପୁଲିସ ଅଧିକାରୀମାନଙ୍କୁ ରାଜନୈତିକ ଚାପରେ ବଦଳି କରି ଦିଆଯାଉଛି। ଯାହାର ସୁଯୋଗ ନେଇ ଅପରାଧୀମାନେ ପୁଣି ଥରେ ନିଜର ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗିଛନ୍ତି।

ଅତୀତରେ କଟକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଥାନାରେ କାର୍ଯ୍ୟ କରୁଥିବା କେତେକ ଦକ୍ଷ ଆଇଆଇସି ଓ ବିଭିନ୍ନ ଜୋନର ଏସିପିମାନେ ଅପରାଧୀଙ୍କ ନିଦ ହଜାଇ ଦେଇଥିଲେ। ଅନେକ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗର ମୁଖିଆଙ୍କୁ ଜେଲ୍ ପଠାଇବା ସହ ବିପୁଳ ପରିମାଣର ବେଆଇନ ବନ୍ଧୁକ ଜବତ କରି ସେମାନେ ସହରରେ ଶାନ୍ତି ଫେରାଇ ଆଣିବାରେ ସମର୍ଥ ହୋଇଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କୁ ସେହି ଦକ୍ଷତା ପାଇଁ ପୁରସ୍କାର ମିଳିବା ବଦଳରେ ଅନ୍ୟ ଜିଲ୍ଲାକୁ ବଦଳି କରାଯାଇଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ ଏହି ଅଫିସରମାନେ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଓ ମାଫିଆଙ୍କ କଳା କାରନାମାରେ ବାଧା ସୃଷ୍ଟି କରୁଥିଲେ। ନିର୍ଭୀକ ଓ ସ୍ପଷ୍ଟବାଦୀ ହେବାରୁ ସେମାନଙ୍କୁ ଏବେ ତାହା ମହଙ୍ଗା ପଡ଼ିଛି।

ବର୍ତ୍ତମାନ କଟକର ଅନେକ ପ୍ରମୁଖ ଥାନାରେ ଯେଉଁ ନୂତନ ଅଧିକାରୀମାନେ ନିଯୁକ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ସହରର ଭୌଗଳିକ ସ୍ଥିତି ଓ ଅପରାଧିକ ଇତିହାସ ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ଅପରାଧୀଙ୍କ ''ଜନ୍ମକୁଣ୍ଡଳୀ' ନ ଜାଣିଥିବାରୁ ସେମାନେ ଅପରାଧ ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବା ଦେଖାଯାଉଛି। ଏହାର ସୁଯୋଗ ନେଇ ପୂର୍ବରୁ ସୁପ୍ତ ଥିବା ବିଭିନ୍ନ ଅପରାଧୀ ଗୋଷ୍ଠୀ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ପୂଜା-ପାର୍ବଣ ସମୟରେ ଶାନ୍ତି ରକ୍ଷା କରିବା ଏବେ




ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ଏପରିକି ସହରରେ ଗତ ଦଶହରା ଭସାଣୀ ଓ ପରବର୍ତ୍ତୀ ସମୟରେ ହୋଇଥିବା ଗଣ୍ଡଗୋଳ ଘଟଣା ଓ ପୁଲିସ ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣ ପୁଲିସର ମନୋବଳ ଭାଙ୍ଗିଦେବା ସହ ପୁଲିସ ଉପରୁ ଜନସାଧାରଣ ଆସ୍ଥା ହରାଇଥିବାର ସାଧାରଣରେ ଚର୍ଚ୍ଚା ହେଉଛି।

ଜଣେ ଏସିପି, ପୂର୍ବରୁ କଟକରେ ଏକ ଥାନାର ଆଇଆଇସି ଥିବା ସମୟରେ ଆନ୍ତରାଜ୍ୟ ବନ୍ଧୁକ କାରବାରର ପର୍ଦ୍ଦାଫାସ କରି ୨୦ରୁ ଅଧିକ ବନ୍ଧୁକ ଜବତ କରିଥିଲେ। ଏହି କାରବାରରେ ପ୍ରାୟ ୧୨ ଜଣ ବନ୍ଧୁକ ଚୋରା ଚାଲାଣକାରୀ ଗିରଫ ହୋଇଥିଲେ। ଭଲ କାମ କରି ବେଷ୍ଟ ଏସିପି ପୁରସ୍କାର ପାଇବା ପରେ ତାଙ୍କୁ ଆଜି କମିଶନରେଟ ପୁଲିସରୁ ହଟାଇ ଅନ୍ୟ ଜିଲ୍ଲାକୁ ବଦଳି କରାଯାଇଛି। ସେହିଭଳି ଜଣେ ପୂର୍ବତନ ଆଇଆଇସି ଏସସିବି ମେଡିକାଲରେ ଦଲାଲରାଜକୁ ଦମନ କରିଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ଥାନାରେ ଅତ୍ୟନ୍ତ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ବିଶେଷ କରି କୋଭିଡ ସମୟରେ କଟକ ବଡ଼ ମେଡିକାଲରେ ଯେଭଳି ରୋଗୀସେବା ବ୍ୟାହତ ନ ହେବ ସେ ଦିଗରେ ସଫଳତାର ସହ କାର୍ଯ୍ୟ କରିଥିଲେ। ଜଣେ ଶ୍ରେଷ୍ଠ ଆଇଆଇସି ଭାବେ କମିସନରେଟ ପୁଲିସ ଦ୍ୱାରା ପୁରସ୍କୃତ ହୋଇଥିଲେ। ପଦୋନ୍ନତି ପାଇ ଏସିପି ହେବା ପରେ ସମ୍ବେଦନଶୀଳ ଅଞ୍ଚଳରେ ସଫଳତାର ସହ କାର୍ଯ୍ୟ କରି ଶାନ୍ତିଶୃଙ୍ଖଳା ରକ୍ଷା କରିବାର ଗୁରୁ ଦାୟିତ୍ୱ ନିଭାଇଥିଲେ। ତାଙ୍କ ଭଳି ଜଣେ ଅଭିଜ୍ଞ ଅଧିକାରୀଙ୍କୁ ରାଜନୈତିକ ଚାପରେ ବଦଳି କରାଯାଇଛି। ସେ ପଦୋନ୍ନତି ପାଇ ଏସିପି ହେବା ପରେ ତାଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆ ନ ଯାଇ ଏବେ କାର୍ଯ୍ୟାଳୟରେ ପଙ୍ଗୁ କରି ବସାଇ ଦିଆଯାଇଛି। ପୁନଶ୍ଚ କଟକ ବାଦାମବାଡ଼ି ଥାନା ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରମାଣିତ କରିଥିବା ଆଉ ଜଣେ ପୁଲିସ ଅଧିକାରୀ ଏସିପି ହେବା ପରେ ତାଙ୍କୁ ପୁରୀକୁ ବଦଳି କରାଯାଇଛି। ସେ ଡିଏସପି ଭାବେ ପୁରୀରେ କାର୍ଯ୍ୟ କରି ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇ ପ୍ରଶଂସା ସାଉଁଟୁଛନ୍ତି। ଏହାଛଡା କଟକ କମିସନରେଟ ପୁଲିସରେ ସ୍ପେସାଲ ସ୍କ୍ୱାଡର ଦାୟିତ୍ୱ ସମ୍ଭାଳି ଅପରାଧୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିବା ପୁଲିସ ଅଧିକାରୀଙ୍କୁ ଏବେ କମିସନରେଟ ପୁଲିସରୁ ହଟାଇ ଦିଆଯାଇଛି। ସେ ଏବେ ଜଗତସିଂହପୁର ଜିଲ୍ଲାରେ ଡିଏସପି ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷ କରି ହତ୍ୟା, ଡକାୟତି ଘଟଣା, ବନ୍ଧୁକ କାରବାରରେ ସଂପୃକ୍ତ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଥିବା ଏହି ସଫଳ ପୁଲିସ ଅଧିକାରୀଙ୍କୁ ପୁରସ୍କାର ସ୍ୱରୂପ କମିଶନରେଟରୁ ହଟାଇ ଦିଆଯାଇଛି। କମିସନରେଟ୍ ପୁଲିସର ଏଭଳି ବିଚିତ୍ର ବ୍ୟବସ୍ଥାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କଟକ,୫।୨(ସମିସ):** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପିଠାରୁ କିଛି ବାଟ ଆଗରେ କଟକ-ପାରାଦୀପ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ତିର୍ତ୍ତୋଲ ଥାନା ଅନ୍ତର୍ଗତ ସିରସ୍ତା ଗ୍ରାମର ଦେବାଶିଷ ଦାସ (୩୪)। ଘଟଣାସ୍ଥଳରୁ ଗୁରୁତର ଯୁବକଙ୍କୁ ପୁଲିସ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଘଟଣାସ୍ଥଳରେ ପ୍ରାୟ ଅଧଘଣ୍ଟା ସମୟ ଧରି ସ୍ଥାନୀୟ ଲୋକେ ଓ ପଥଚାରୀ ହୋହଲ୍ଲା କରିବାକୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବ ଆଣିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ, ସନ୍ଧ୍ୟାରେ



କଟକ-ପାରାଦୀପ ରାସ୍ତାରେ ପ୍ରବଳ ଭିଡ଼ ହୋଇଥିଲା। ଏହି ଭିଡ଼ରେ ଓଏମ୍‌ପିରୁ ପାରାଦୀପ ଅଭିମୁଖେ ଏକ ଦ୍ରୁତଗାମୀ ମାଲବୋଝେଇ ଟ୍ରକଟି ଯାଉଥିଲା। ଦେବାଶିଷ ତାଙ୍କ ବାଇକ୍ (ଓଡ଼ି୦୫ଆର୍-୬୮୫୭) ନେଇ ନିଜ ଘର ସିରସ୍ତାକୁ ଯାଉଥିଲେ। ଯଦିଓ ଦେବାଶିଷ ବାଇକ୍‌ଟିକୁ ଧୀରେ ଚଳାଉଥିଲେ ପଛପଟୁ ଦ୍ରୁତଗାମୀ ଟ୍ରକ୍‌ଟି ଆସି ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ପରେ ଢ଼ଳେଇ ରାସ୍ତାରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଘଟଣାସ୍ଥଳରେ ସେ ବେହୋସ ହୋଇ ପଡ଼ିଯାଇଥିଲେ। ଏହାପରେ ଗୁରୁତର ଦେବାଶିଷଙ୍କୁ ଏସ୍‌ସିବି ପଠାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରକୁ ସ୍ଥାନୀୟ ଲୋକ ପୁଲିସର ଜିମା ଦେଇଥିବା ବେଳେ ପୁଲିସ ତାକୁ ଅଟକ ରଖି ପଚରାଉଚରା କରୁଛି।

## ଜିଲ୍ଲାରୁ ୨୦୫ କୋଟିର ପରିବହନ ଟିକସ ଆଦାୟ

**କଟକ,୫।୨(ସମିସ):** ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ଜାନୁଆରୀ ମାସ ଶେଷ ସୁଦ୍ଧା ୨୦୫କୋଟି ୮୨ଲକ୍ଷ ୧ହଜାର ୪୪୮ ଟଙ୍କାର ଟିକସ ଆଦାୟ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାରୁ ବର୍ଷ ଶେଷ ସୁଦ୍ଧା ୨୫୩ କୋଟି ୫୦ ଲକ୍ଷ ଟଙ୍କାର ଟିକସ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟ ଶତ ପ୍ରତିଶତ ହେବ ବୋଲି କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ମିଳିଥିବା ତଥ୍ୟ ଅନୁଯାୟୀ, ଗାଡ଼ି ଫିଟନେସ ପରମିଟ ବୀମା, ପ୍ରଦୂଷଣ ପ୍ରମାଣପତ୍ରକୁ କଡ଼ାକଡ଼ି କରାଯାଇ ଏନଫୋର୍ସମେଣ୍ଟ କରାଯାଇଥିବାରୁ ରାଜସ୍ୱ ବୃଦ୍ଧି ଘଟିଛି।

## ନିରନ୍ତର ବିକାଶର ଲକ୍ଷ୍ୟ ଅଭିଯାନ ସମାରୋହ

**କଟକ,୫।୨(ସମିସ):** ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ନିରନ୍ତର ବିକାଶର ଲକ୍ଷ୍ୟ ଅଭିଯାନ ୨୦୨୫-୨୬ ସମାରୋହ ସିଡିଏସ୍ଥିତ ଇପସାର୍ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱନାହାକଣୀ ମହାବିଦ୍ୟାଳୟର ଅଧକ୍ଷ ସଚ୍ଚିଦାନନ୍ଦ ପ୍ରଧାନ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ଯୋଜନା ପର୍ଯ୍ୟାଲୋଚନା ବିଭାଗର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାସ ଏବଂ



ଇପ୍‌ସାର୍ ମହାବିଦ୍ୟାଳୟର ଅଧକ୍ଷ ଡଃ ଶକ୍ତିପ୍ରସାଦ ମହାପାତ୍ର ଏଥିରେ ଯୋଗଦେଇଥିଲେ। ଏଥିରେ ସହକାରୀ ନିର୍ଦ୍ଦେଶକ ସୁଶ୍ରୀ ସଙ୍ଗୀତା ସାହୁ, ଏମ୍‌ପିଏଲଇ ଆଲୋଚନା ସାହୁ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ଜୟପ୍ରଦା ନାୟକ, ରୋନିବା ରିମଝିମ୍ ଏବଂ ଅର୍ଥନୈତିଜ୍ଞ ଶାଶ୍ୱତୀ ବେହେରା ଯୋଗଦେଇ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖ୍ରୀଷ୍ଟ ମହାବିଦ୍ୟାଳୟ, ଇପସାର୍ ଏବଂ ସିମ୍‌ସ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସତ୍‌ଭିକ୍ ସୋଲ୍ ଫାଉଣ୍ଡେସନ୍‌ର ମୁଖ୍ୟ ସତ୍ୟବ୍ରତ ସାମଲ ନିରନ୍ତର ବିକାଶର ଲକ୍ଷ୍ୟ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଡଃ ସଚ୍ଚିଦାନନ୍ଦ ପ୍ରଧାନ ଏବଂ ଡଃ ଶକ୍ତିପ୍ରସାଦ ମହାପାତ୍ର ଆଲୋଚ୍ୟ ବିଷୟବସ୍ତୁ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା, ପ୍ରଶ୍ନୋତ୍ତର ଏବଂ ବିତର୍କ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କ ପୁରସ୍କୃତ କରାଯାଇଥିଲା।

## ଜୁଆ ଆଡ୍ଡାରେ ଚଢଉ; ୭ ଗିରଫ

**କଟକ,୫।୨(ସମିସ):** ଦୀର୍ଘ ଦିନ ଧରି ଲୁଚାଛପାରେ ଚାଲିଥିବା ଏକ ସଟ୍ଟାଆଡ୍ଡାରେ ମଙ୍ଗଳାବାଗ ଥାନା ପୁଲିସ ଚଢଉ କରିଛି। ସେଠାରୁ ୭ ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଯୋବ୍ରା ଅଞ୍ଚଳର ୩ ଜଣ ଶେଖବଜାର ଅଞ୍ଚଳର ଜଣେ ଓ ମାଛୁଆବଜାର ଅଞ୍ଚଳର ୩ଜଣ ଅଛନ୍ତି। ରାତି ପ୍ରାୟ ୮ଟା ବେଳେ ଏସଆଇ ଦେବବ୍ରତ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଟିମ ଜୁଆଆଡ୍ଡାରେ ଚଢଉ କରିଥିଲା। ଏତିକିବେଳେ ଆଉ କିଛି ଜୁଆଡି ଖସି ପଳାଇବାରେ ସଫଳ ହୋଇଥିଲେ। ସେଠାରୁ ତାସବୋର୍ଡ, କାଲକୁଲେଟର ଓ ୨୮୭୦ ଟଙ୍କା ଜବତ ହୋଇଛି। ୭ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି | ଫେବୃଆରୀ ୧୭ ରୁ ସର୍ଭେ ଆରମ୍ଭ

**କଟକ,୫।୨(ସମିସ):** ଆସନ୍ତା ୨୦୨୭ ଜନଗଣନା ଭଳି ମହତ କାର୍ଯ୍ୟକ୍ରମକୁ ନିଷ୍ପାପର ଭାବେ ସମ୍ପାଦନ କରିବା ନିମନ୍ତେ ଆଜି କଟକ ଜିଲ୍ଲାରେ ଜନଗଣନା ସମ୍ପର୍କିତ ପ୍ରଥମ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଓ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିମ ନେଇ ସମ୍ପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହେବେ। ପ୍ରଥମ ପର୍ଯ୍ୟାୟରେ ଘରଗୁଡିକ ପରିଗଣନା କରାଯିବ। ନିୟୋଜିତ କର୍ମଚାରୀମାନେ ଘରକୁ ଘର ଯାଇ ଗଣନା କାର୍ଯ୍ୟ ସୁନିଶ୍ଚିତ କରିବେ।



ଏହି ଘର ଗଣନା ସମୟରେ ଯଦି କୌଣସି ଘର ବାଦ୍ ପଡିଯାଏ ତେବେ ସେମାନେ ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଫେବୃଆରୀ ୧୭ ତାରିଖରୁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ। ଏହାପରେ ବାସ୍ତବ ଗଣନାକାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ତାଲିମପ୍ରାପ୍ତ ମାଷ୍ଟର ଟ୍ରେନରମାନେ ଜିଲ୍ଲାସ୍ତରୀୟ ମାଷ୍ଟର୍ ଟ୍ରେନର ମାନଙ୍କୁ ତାଲିମ ପ୍ରଦାନ କରିସାରିଛନ୍ତି। ଏହି ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ବ୍ଲକ୍ ସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ୍ ପ୍ରଦାନ କରିବେ ଓ ସେମାନେ ପରିଗଣନାକାରୀମାନଙ୍କୁ ତାଲିମ୍ ଦେବେ। ଦେଶରେ ଶେଷ ଥର ପାଇଁ ଜନଗଣନା ୨୦୧୧ରେ ସମ୍ପାଦିତ ହୋଇଥିଲା। ଆଜି କଟକ ଜିଲ୍ଲାର ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ତାଲିମ ତଥା ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ପ୍ରଣବ ବେହେରା, ଡେପୁଟି କଲେକ୍ଟର ନିର୍ବାଚନ ନୁରୀ ପରବିନ୍, ଯୁଗ୍ମ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ହେମନ୍ତ କୁମାର ସିଂହ, ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ବେପାରୀ ଗିରଫ

**କଟକ,୫।୨(ସମିସ):** ଜଣେ ପେସାଦାର ନିଶା ବେପାରୀକୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଛି। ଅଭିଯୁକ୍ତ ହେଉଛି ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆଁର ସାଗର ସାମଲ(୨୯)। ତା' ପାଖରୁ ୯୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୯ ଲକ୍ଷ ୫୦ ହଜାର ଟଙ୍କା ହେବ। କିଛି ଦିନ ହେବ ଅଭିଯୁକ୍ତ ସାଗର ବାଲେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କାରବାର କରୁଥିଲା। ଗୁରୁବାର ଜଣେ ଗ୍ରାହକଙ୍କ ପାଇଁ ନିଶାଦ୍ରବ୍ୟ ଧରି ସେ ରାଜପଥ ଆଡ଼କୁ ଆସୁଥିଲା। ଏହି ସୂଚନା ପାଇବାମାତ୍ରେ ଅବକାରୀ ଟିମ ଶ୍ରୀକୋରୁଆଁ ସ୍ଥିତ ଗୁରୁବାରୀ ଗାଁ ମୁଖ୍ୟରାସ୍ତାରେ ତାକୁ ମାଡ଼ି ବସିଥିଲା। ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

### ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଘଟଣା

## ୩ ଗିରଫ; ୭ଟି ଚେନ୍ ଜବତ

**କଟକ/ଚୌଦ୍ୱାର,୫।୨(ସମିସ):** ଚୌଦ୍ୱାର ଅଞ୍ଚଳରୁ ସୁନା ଚେନ୍ ଲୁଟ୍ କରୁଥିବା ଏକ ଲୁଟେରା ଗ୍ୟାଙ୍ଗ୍‌କୁ ପୁଲିସ ଧରିବାରେ ସଫଳ ହୋଇଛି। ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ କରି ଫେରାର ହୋଇଥିବା ମାଷ୍ଟରମାଇଣ୍ଡକୁ ଆଜି ଚୌଦ୍ୱାର ଥାନା ପୁଲିସ ଗିରଫ



କରିଛି। ଗିରଫ ଲୁଟେରା ଜଣକ ହେଉଛି, କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ବିଶାଳ ମଲ୍ଲିକ(୨୨)। ତା ନିକଟରୁ ଚୋରି ସୁନା କିଣିଥିବା ଦୋକାନୀ କଟକ ମର୍କତ ନଗର ଥାନା ସିଡ଼ିଏ ସେକ୍ଟର-୭ର ପ୍ରଭାକର ସାମନ୍ତ(୪୨) ଓ ମାହାଙ୍ଗା ଥାନା ଭାଣରାଗ ଗ୍ରାମର ହରେକୃଷ୍ଣ ସାହୁ(୩୧)ଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୯୭ଗ୍ରାମ ଓଜନର ୭ଟି ଚୋରି ସୁନା ଚେନ୍ ଜବତ କରାଯାଇଛି। ବିଶାଳ ନିକଟରୁ ଏକ ପଲସର ବାଇକ୍ ମଧ୍ୟ ଜବତ ହୋଇଥିବା ପୁଲିସ କହିଛି।

ପୁଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ମାସ ୧୮ତାରିଖ ସଂଧ୍ୟା ସମୟରେ ଲକ୍ଷ୍ମଣପୁରର ସଂଧ୍ୟାରାଣୀ ପତି ତାଙ୍କ ସ୍ୱାମୀଙ୍କ ସହିତ ବିରୂପା ନଦୀ ନଦୀ କୂଳ ପରିବା ମାର୍କେଟରୁ ପରିବା କିଣି ଘରକୁ ଫେରୁଥିବାବେଳେ ୨ଜଣ ଲୁଟେରା ଏକ ବାଇକ୍‌ରେ ଆସି ସଂଧ୍ୟାରାଣୀଙ୍କ ବେକରୁ ୨୩ଗ୍ରାମ ଓଜନର ସୁନାହାର ଲୁଟିନେଇ ଫେରାର ହୋଇ ଯାଇଥିଲେ। ସଂଧ୍ୟାରାଣୀଙ୍କଠାରୁ ଅଭିଯୋଗ ପାଇ ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳର ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହିତ ନିକଟରେ ଝାରପଡ଼ା ଓ ଚୌଦ୍ୱାର ଜେଲରୁ ଖଲାସ ହୋଇଥିବା ଚେନ୍ ଲୁଟେରାଙ୍କ ଏକ ତାଲିକାକୁ ଆଧାର କରି ଅଭିଯୁକ୍ତ ଲୁଟେରା ବିଶାଳକୁ ଧରିବାରେ ସକ୍ଷମ ହୋଇଥିଲେ। ବିଶାଳ ଜଣେ ପେସାଦାର ଚେନ୍ ଲୁଟେରା ଏବଂ ସେ କଟକ, ଚୌଦ୍ୱାର, ଜଗତପୁର ଅଞ୍ଚଳରେ ବହୁ ଲୁଟ ଘଟଣାରେ ସଂପୃକ୍ତ ଥିବା ଚୌଦ୍ୱାର ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

### ହାଇକୋର୍ଟରେ କଟକ ସହର ସମସ୍ୟା

## ଏସ୍‌ସିବି ମେଡିକାଲ ରାତ୍ର ଆଶ୍ରୟସ୍ଥଳ ତଦାରଖ କରିବ ଆଡ୍‌ଭୋକେଟ୍ କମିଟି



**କଟକ,୫।୨(ସମିସ): ଏସସିବି ଓ ଶିଶୁ ଭବନରେ ରୋଗୀସେବା ସୁଧାରିବା ପ୍ରସଂଗରେ ଆଜି ହାଇକୋର୍ଟ ବିଭିନ୍ନ ନିର୍ଦ୍ଦେଶ ଜାରି କରିଛନ୍ତି। ଜଷ୍ଟିସ କେ.ଆର. ମହାପାତ୍ର ଏବଂ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମସ୍ୟା ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।**

### ଆଟେଣ୍ଡାଣ୍ଟଙ୍କ ପାଇଁ ନାଇଟ୍ ସେଲ୍‌ଟର

ହସ୍ପିଟାଲ ପରିସରରେ ରୋଗୀଙ୍କ ସମ୍ପର୍କୀୟମାନେ ଖୋଲା ଆକାଶ ତଳେ ଶୋଉଥିବା ଅଭିଯୋଗ ହୋଇଛି। ଏହାର ଅନୁଧ୍ୟାନ ପାଇଁ ଏକ ଆଡଭୋକେଟ୍ କମିଟିକୁ ଅତିକମରେ ୩ଟି ଭିନ୍ନ ତାରିଖରେ ରାତିରେ ହସ୍ପିଟାଲ ପରିସର ପରିଦର୍ଶନ କରି ରିପୋର୍ଟ ଦେବାକୁ କହିଛନ୍ତି ହାଇକୋର୍ଟ। ଅଣ-ଓପିଡି ଦିନଗୁଡ଼ିକରେ ରୋଗୀମାନେ ନିଜ ପସନ୍ଦର ଡାକ୍ତରଙ୍କ ସହ ସାକ୍ଷାତ ପାଇଁ ଅନଲାଇନ୍ ଆପଏଣ୍ଟମେଣ୍ଟ ସୁବିଧା କାର୍ଯ୍ୟକାରୀ ହୋଇଥିବା ସୂଚନା ଦିଆଯାଇଛି। ଏହି ସୁବିଧା ବିଷୟରେ ଖବରକାଗଜ, ଇଲେକ୍ଟ୍ରୋନିକ ମିଡିଆ ଓ ଓପିଡି ପରିସରରେ ବ୍ୟାପକ ପ୍ରଚାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନଜିଓ ଦ୍ୱାରା ମାଗଣା ଖାଦ୍ୟ ବଣ୍ଟନ ଯୋଗୁଁ ହସ୍ପିଟାଲ ଗେଟ୍ ସମ୍ମୁଖରେ ଭିଡ଼ ଜମୁଥିବାରୁ ହସ୍ପିଟାଲ ଦୂରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରିବାକୁ ସିଏମସି କମିସନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲିଭର ଟ୍ରାନ୍ସପ୍ଲାଣ୍ଟେସନ ଏବଂ ଓପନ୍ ହାର୍ଟ ସର୍ଜରୀ ସମ୍ପର୍କିତ ଆଲୋଚନା ଆସନ୍ତା ୨୬ ଫେବୃଆରୀରେ ହେବ।

### ଶିଶୁ ଭବନରେ ଗଡ଼ିବ ବ୍ୟାଟେରୀ ଯାନ

ଶିଶୁ ଭବନ ପରିସରରେ ରୋଗୀ ଓ ସମ୍ପର୍କୀୟଙ୍କ ଯାତାୟାତ ପାଇଁ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ନାଲକୋ ୩ଟି ଏବଂ ଓଏସଏମସିଏଲ ଗୋଟିଏ ବ୍ୟାଟେରୀ ଚାଳିତ ଯାନ ଯୋଗାଇଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ସେହିଭଳି ଏମସିଏଲ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଏନେଇ ଆଲୋଚନା ଜାରି ରହିଛି ବୋଲି ହାଇକୋର୍ଟ ଅବଗତ ହୋଇଛନ୍ତି। ପାଚେରି ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି ଏବଂ ସେଠାରେ ଏକ ଉଚ୍ଚ ପାଚେରି ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ବାଲିଯାତ୍ରା ପଡ଼ିଆ ବ୍ୟବହାର ସମ୍ପର୍କିତ ଏସ୍‌ଓପି

ବାଲିଯାତ୍ରା ପଡ଼ିଆକୁ ବ୍ୟକ୍ତିଗତ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରିବା ନେଇ ଏକ ଚିଠା ଏସଓପି ପ୍ରସ୍ତୁତ କରାଯାଇଛି, ଯାହାକୁ ଅନୁମୋଦନ ମିଳିବା ପରେ କୋର୍ଟରେ ଦାଖଲ କରାଯିବ। ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରେ ତାର ଜାଲି କାମ ଶେଷ ହୋଇଛି ଏବଂ କ୍ଷତିଗ୍ରସ୍ତ ଫୁଟପାଥର ମରାମତି କାର୍ଯ୍ୟ ଜାରି ରହିଛି। ଏହାର ସ୍ଥିତି ରିପୋର୍ଟ ୨୦.୦୨.୨୦୨୬ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ସେହିପରି ସହରର ପରିମଳ ଏବଂ ଡଷ୍ଟବିନ ବ୍ୟବସ୍ଥା ସମ୍ପର୍କିତ ସତ୍ୟପାଠ ୨୦ ଫେବୃଆରୀ ସୁଦ୍ଧା ଦାଖଲ କରିବାକୁ ସିଏମସିକୁ ନିର୍ଦ୍ଦେଶ ଦିଆଯାଇଛି। ମାତୃଭବନ ନିକଟସ୍ଥ ରେଳ ଓଭରବ୍ରିଜ୍ ତଳେ ବକ୍ସ ଡ୍ରେନ୍ କାର୍ଯ୍ୟ ପାଇଁ ରେଳବାଇ ପକ୍ଷରୁ ଅଧିକ ସମୟ ମଗାଯାଇଛି।




# ଅନ୍ତିମ ପର୍ଯ୍ୟାୟରେ ଲଢ଼େଇ ଜୋରଦାର



ଭୁବନେଶ୍ୱର, ୫।୨ (ସମିସ): ଲାଇଟ୍, ସାଉଣ୍ଡ ଓ ମ୍ୟୁଜିକ ଭିତରେ କମ୍ପୁଛି ଯାତ୍ରା ପଡ଼ିଆ। ଜୀବନର ବାସ୍ତବତାକୁ ନେଇ ମଞ୍ଚସ୍ଥ ହେଉଛି ନାଟକ; ଯାହା ସମାଜକୁ ନୂଆ ବାର୍ତ୍ତା ଦେବା ସହିତ ଦର୍ଶକଙ୍କ ମନକୁ ମଧ୍ୟ ବେଶ୍ ଛୁଇଁପାରୁଛି। ଖଣ୍ଡଗିରି ଯାତ୍ରା ମହାକୁମ୍ଭର ଅନ୍ତିମ ପର୍ଯ୍ୟାୟରେ ୭ଟି ଯାତ୍ରା ପାର୍ଟି ମଧ୍ୟରେ ଲଢ଼େଇ ଚାଲିଛି। ତୁଳସୀ, ସୂର୍ଯ୍ୟମନ୍ଦିର, ଶିବାନୀ, କଳିଙ୍ଗ, ରଙ୍ଗମହଲ, ବିଶ୍ୱ ଦରବାର ଓ ନାଟ୍ୟ ମଣ୍ଡପ ଭିତରେ ଜୋରଦାର୍ ଫାଇଟ୍ ଦେଖିବାକୁ ମିଳିଛି।

ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ପେଣ୍ଡାଲରେ ତୁଳସୀ ଗଣନାଟ୍ୟ 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିଛି। ଲଗାତାର ଷଷ୍ଠ ରାତିରେ ଅନୁଷ୍ଠାନ ସେହି ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ସୋନାଲିଙ୍କ ପ୍ରତି ସାଇଙ୍କ ପ୍ରତାରଣା ସାଙ୍ଗକୁ ପାୟଲଙ୍କ ଚରିତ୍ର ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି।

ଅନନ୍ତ କେଶରୀ ଦେବ ମଞ୍ଚରେ ଖେଳୁଥିବା ନାଟ୍ୟ ମଣ୍ଡପ ୪ ରାତି ଧରି ସମାନ ନାଟକ ମଞ୍ଚସ୍ଥ କରିଛି। ଚର୍ଚ୍ଚିତ ଅଭିନେତ୍ରୀ ରାଣୀ ପଣ୍ଡା, ଜୟଶ୍ରୀ (ବିନି) ଓ ସ୍ନେହାଶ୍ରୀଙ୍କ ଅଭିନୟ, କମେଡିରେ ଗୁଡୁ ଏବଂ ବାବୁଲି ପଣ୍ଡାଙ୍କ ଖଳନାୟକ ଚରିତ୍ର ଦେଖିବାକୁ ମିଳିଛି।

ମା' ମଙ୍ଗଳା ସାଂସ୍କୃତିକ ପରିଷଦ ମଞ୍ଚରେ ରଙ୍ଗମହଲ ମଧ୍ୟ ସମାନ ବହି ପରିବେଷଣ କରିଛି। ୩ ସାଙ୍ଗ ତଥା ପ୍ରତାପ-ଜିତା-ଜୀବନଙ୍କ ଉପରେ ପରିବେଷିତ କାହାଣୀକୁ ଦେଖିବାକୁ ଭିଡ଼ ଜମାଉଛନ୍ତି ଦର୍ଶକ। ଜୀବନ ପତି, ମାମା ଓ ମୁନୁ ପଣ୍ଡାଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳୁଛି।

ସନାତନ ସେବା ସମିତି ପେଣ୍ଡାଲରେ ଅପେରା ସୂର୍ଯ୍ୟମନ୍ଦିର ଲଗାତାର ଦ୍ୱିତୀୟ ଦିନରେ 'ହାଇଦର୍' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ନାଟକ ରିପିଟ୍ ହେଉଥିଲେ ମଧ୍ୟ ହୃଷୀକେଶ, ମାମା, ସିଲୁ, କାଳୀ ଓ ଡ୍ୟାନି ଅଭିନୟ ଦର୍ଶକଙ୍କ ମନରେ ଉତ୍ସାହ ଭରୁଛି।

କଳିଙ୍ଗ ପେଣ୍ଡାଲ ମାଧ୍ୟମରେ ଖଣ୍ଡଗିରିରେ ଲଢୁଥିବା କଳିଙ୍ଗ ଗଣନାଟ୍ୟ ଦ୍ୱିତୀୟ ରଜନୀରେ 'ରାଜଧାନୀର ରାଜା ଆଚାର୍ଯ୍ୟ' ନାଟକ ମଞ୍ଚସ୍ଥ କରିଛି। ଓଲିଉଡରୁ ଯାଲିଉଡ ଆସିଥିବା ସିନେ କଳାକାର ଅଶ୍ୱିନୀ, ହାପି, ମାମୁନି, ବର୍ଷା, ଅକ୍ଷୟ ସାହୁଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ନିଲ୍ ଓ କ୍ୟାଲେଣ୍ଡରଙ୍କ କମେଡି ଦର୍ଶକଙ୍କୁ ମଞ୍ଚ ନିକଟକୁ ଆସିବାକୁ ବାଧ୍ୟ କରିଛି।

ଇନ୍ଦିରା ସାଂସ୍କୃତିକ ପରିଷଦ (ଜାଗମରା-ଖଣ୍ଡଗିରି) ପେଣ୍ଡାଲରେ ୪ଦିନ ଧରି ନାଚୁଥିବା ଶିବାନୀ ଗଣନାଟ୍ୟ

## ଛଅରାତି ହେଲା 'ଏଇ ବୋଧେ ଶେଷ ଦେଖା'

ଲଗାତାର ଦ୍ୱିତୀୟ ରାତିରେ ସେଇ ନାଟକ ଭେଟି ଦେଇଛି। 'ଏ ମନ କାଶୀ ବୃନ୍ଦାବନ' ବହିକୁ ନେଇ ଚତୁର୍ଥ ରାତିରେ ମଇଦାନକୁ ଓହ୍ଲାଇଛି। ଦୁଇ ସାଙ୍ଗ ତଥା ଗୌର ଦାସ-କାବେରୀଙ୍କ ହସ ଲୁହ ଫେଣ୍ଟା ଅଭିନୟ ଦେଖିବାକୁ ସକାଳ ଯାଏଁ ଅନିଦ୍ରା ହୋଇଛନ୍ତି ଦର୍ଶକ। ବହିରେ ଖଳନାୟକ ଟାହିଆ ଓ ବ୍ରଜ ପାଣିଙ୍କ କମେଡି ଦେଖିବାକୁ ମିଳିଛି।

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ବିଶ୍ୱ ଦରବାର ୩ୟ ରାତିରେ 'ବଦନାମ ଗଳିର ବାଦଶାହା' ନାଟକ ପରିବେଷଣ କରୁଛି। ନାଟକ ରିପିଟ୍ ହେଉଥିଲେ ବି ହାଉସଫୁଲ୍ ଯାଉଛି। ଖଳନାୟକ ସତ୍ୟଙ୍କ ଦମଦାର ଡାଇଲଗ ସାଙ୍ଗକୁ ଲରେନ୍ସ, କମଳ ନନ୍ଦ, ଭାରତୀ, ଗୌର ପାଢ଼ୀ, ସୁକାନ୍ତି ପାଢ଼ୀଙ୍କ ଅଭିନୟ ଦର୍ଶକଙ୍କୁ କନ୍ଦାଉଛି।



## ଆଜିର କାହାଣୀ
## ରାଜଧାନୀର ରାଜା ଆଚାର୍ଯ୍ୟ

କଳିଙ୍ଗ ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଦ୍ୱିତୀୟ ରଜନୀରେ ଗୁରୁପ୍ରସାଦ ମିଶ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ 'ରାଜଧାନୀର ରାଜା ଆଚାର୍ଯ୍ୟ' ନାଟକ ମଞ୍ଚସ୍ଥ କରିଛି। ରାମ ଭକ୍ତ ଅକ୍ଷୟ ସାହୁ ଓ କବିତାଙ୍କୁ ପତିପତ୍ନୀ ଭୂମିକାରେ ଦେଖିବାକୁ ମିଳୁଥିବା ବେଳେ ବଡ଼ପୁଅ ବାପି (ଇନ୍ସପେକ୍ଟର), ସାନପୁଅ ଅଶ୍ୱିନୀ (ରାଜା ଆଚାର୍ଯ୍ୟ) ଓ ରଶ୍ମି ସାନଝିଅ ଭୂମିକାରେ ଅଭିନୟ କରୁଛନ୍ତି। ଅନ୍ୟ ଏକ ପରିବାରରେ କେଦାର ବାପା ହୋଇଥିବା ବେଳେ ବର୍ଷା ଓ ରାଜେଶ ତାଙ୍କ ପୁଅଝିଅ ଚରିତ୍ରରେ ନଜର ଆସୁଛନ୍ତି। ରାଜା ଆଚାର୍ଯ୍ୟଙ୍କ ସାଙ୍ଗ ଭୂମିକାରେ ଅକ୍ଷୟ (ବାବୁ ବିହାରୀ)ଙ୍କୁ ଦେଖିବାକୁ ମିଳିଛି। ବଡ଼ପୁଅ ବାପି ପୁଲିସ ଇନ୍ସପେକ୍ଟର ହୋଇଥିବା ବେଳେ ସାନପୁଅ ଅଶ୍ୱିନୀ ଅନ୍ୟାୟ ବିରୋଧରେ ଲଢେଇ କରୁଛନ୍ତି। ଅନ୍ୟାୟ ବିରୋଧରେ ଲଢ଼ି ମାରପିଟ୍ କରୁଥିବାରୁ ଲୋକଙ୍କ ନଜରରେ ଖରାପ ହୋଇଯାଇଛନ୍ତି ଅଶ୍ୱିନୀ। ଅକ୍ଷୟ ମଧ୍ୟ ଦୁଇ ପୁଅଙ୍କ ମଧ୍ୟରେ ପାର୍ଥକ୍ୟକୁ କହିବା ସହ ପାଖରେ ବନ୍ଧୁକ ଥିଲେ ଅଶ୍ୱିନୀଙ୍କୁ ମାରିଦେବେ ବୋଲି କହି ଆସୁଛନ୍ତି। ବର୍ଷା ଓ ଅଶ୍ୱିନୀଙ୍କ ମଧ୍ୟରେ ଗଭୀର ପ୍ରେମ ସମ୍ପର୍କ ଗଢ଼ି ଉଠିଛି। ହେଲେ ଘର ଲୋକ ଜଣେ ଆଣ୍ଟି ସୋସିଆଲ ସହ ବିବାହ କରାଇବେ ନାହିଁ ବୋଲି ମନା କରି ଦେଉଛନ୍ତି। ଅଶ୍ୱିନୀ (ରାଜା ଆଚାର୍ଯ୍ୟ) ରାଜଧାନୀର ଜଣେ ଆଣ୍ଟି ସୋସିଆଲକୁ ହତ୍ୟା କରି ରାଜ୍ୟ ବାହାରେ ଆତ୍ମଗୋପନ କରିଛନ୍ତି। ବଡ଼ ଭାଇ ତଥା ପୁଲିସ ଇନ୍ସପେକ୍ଟର ବାପିଙ୍କ ପ୍ରେମିକା ସୋଫିଆ (ପୁଲିସ ଇନ୍ସପେକ୍ଟର) ଛଦ୍ମବେଶରେ ଯାଇ ଅଶ୍ୱିନୀକୁ ରାଜ୍ୟ ବାହାରେ ଥିବା ଏକ ବାରରୁ ଗିରଫ କରି ଜଙ୍ଗଲ ଭିତରକୁ ନେଇ ଯାଉଛନ୍ତି। ସୋଫିଆ ଯେ ବଡ଼ ଭାଇର ପ୍ରେମିକା ବୋଲି ଅଶ୍ୱିନୀ ଜାଣିପାରୁଛନ୍ତି। ଅଶ୍ୱିନୀର ସାଙ୍ଗ ଅକ୍ଷୟ (ବାବୁ ବିହାରୀ) ସେହି ସମୟରେ ସୋଫିଆଙ୍କ ଉପରେ ଖରାପ ନଜର ପକାଇବାରୁ ଦୁଇ ସାଙ୍ଗଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଅକ୍ଷୟ ପ୍ରତିଶୋଧ ନେବାକୁ ଯାଇ ଅଶ୍ୱିନୀ ଅପେକ୍ଷା କରିଥିବା କହି ତାଙ୍କ ପ୍ରେମିକା ବର୍ଷାଙ୍କୁ ଛଳନାରେ ଅପହରଣ କରି ନେଉଛନ୍ତି। ଅଶ୍ୱିନୀଙ୍କ ପାଖକୁ ଯାଉଛନ୍ତି ବୋଲି ଏକ ଚିଠି ଲେଖି ଘରୁ ବାହାରି ଆସୁଛନ୍ତି ବର୍ଷା। ବର୍ଷାଙ୍କୁ ଆଣି ବେଶ୍ୟାଳୟରେ ବିକ୍ରି କରିଦେଇଛି ଅକ୍ଷୟ। ଅଶ୍ୱିନୀ ଓ ତାଙ୍କ ମାଆ ଦେଖା ହେଉଥିବା ବେଳେ ପୁଲିସ ଚଢ଼ଉ କରୁଛି ଆଉ ଅଶ୍ୱିନୀଙ୍କୁ ଖସାଇ ଦେଇଥିବାରୁ ବଡ଼ ପୁଅ ବାପା ନିଜ ମାଆ (କବିତା)ଙ୍କୁ ଗିରଫ କରୁଛନ୍ତି। ପତ୍ନୀଙ୍କୁ ଛାଡ଼ିବା ପାଇଁ ବାପା ଅକ୍ଷୟ ଅନୁରୋଧ କରୁଥିବା ବେଳେ ଅଶ୍ୱିନୀ ଧରା ଦେଲେ ହିଁ ସେ ମାଆକୁ ଛାଡ଼ିଦେବେ ବୋଲି କହୁଛନ୍ତି ବାପି। ଅଶ୍ୱିନୀ ଏହାରି ଭିତରେ ପ୍ରେମିକା ବର୍ଷା ଓ ମାଆଙ୍କୁ ମୁକୁଳାଇଛନ୍ତି। ଏହାପରେ ଏମିତି ଏକ ପରିସ୍ଥିତି ସୃଷ୍ଟି କରିଛନ୍ତି ଯେ, ବାପା ଅକ୍ଷୟ ହିଁ ଅଶ୍ୱିନୀଙ୍କୁ ଗୁଳି କରି ହତ୍ୟା କରୁଛନ୍ତି। ସେପଟେ ବାବୁ ବିହାରୀକୁ ଧରିବାକୁ ଯାଇ ସୋଫିଆ ଫସି ଯାଇଛନ୍ତି ଓ ତାଙ୍କୁ ମୁକୁଳାଇବାକୁ ଯାଇ ବର୍ଷା ଛୁରାମାଡ଼ରେ ପ୍ରାଣ ହରାଇଛନ୍ତି। ସବୁ ପରେ ଅଶ୍ୱିନୀ ତାଙ୍କ ହାତରେ ପ୍ରାଣ ହରାଇବାକୁ ପରିସ୍ଥିତି ସୃଷ୍ଟି କରିଥିଲ ବୋଲି ଜାଣିପାରିବା ସହ ନିଜ ଭୁଲ୍ ବୁଝି ପାରିଛନ୍ତି ଅକ୍ଷୟ।

## ଆଜି କେଉଁ ପେଣ୍ଡାଲରେ କୋଉ ବହି

| | | |
|---|---|---|
| ହରେକୃଷ୍ଣ ମହତାବ ପେଣ୍ଡାଲ | ତୁଳସୀ ଗଣନାଟ୍ୟ | 'ଏଇ ବୋଧେ ଶେଷ ଦେଖା' |
| ସନାତନ ପେଣ୍ଡାଲ | ଅପେରା ସୂର୍ଯ୍ୟମନ୍ଦିର | ହାଇଦର୍ |
| ଇନ୍ଦିରା ସାଂସ୍କୃତିକ ପେଣ୍ଡାଲ | ଶିବାନୀ ଗଣନାଟ୍ୟ | ଏ ମନ କାଶୀ ବୃନ୍ଦାବନ |
| ମା ମଙ୍ଗଳା ପେଣ୍ଡାଲ | ଯାତ୍ରା ରଙ୍ଗ ମହଲ | 'କଟି କଟି ତବଲ କଟି' |
| ଜୟଦୁର୍ଗା ପେଣ୍ଡାଲ | ଯାତ୍ରା ବିଶ୍ୱ ଦରବାର | 'ବଦନାମ ଗଳିର ବାଦଶାହା' |
| କଳିଙ୍ଗ ପେଣ୍ଡାଲ | କଳିଙ୍ଗ ଗଣନାଟ୍ୟ | 'ରାଜଧାନୀର ରାଜା ଆଚାର୍ଯ୍ୟ' |
| ଅନନ୍ତ କେଶରୀ ଦେବ ପେଣ୍ଡାଲ | ଅପେରା ନାଟ୍ୟ ମଣ୍ଡପ | 'ଲେଡି ଗ୍ୟାଙ୍ଗଷ୍ଟର' |

# କଳାକାର ଚର୍ଚ୍ଚାରେ ରହିବାକୁ ଜାଣିଶୁଣି ବିବାଦ ସୃଷ୍ଟି କରୁଛନ୍ତି



ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଅଭିନେତ୍ରୀ ଚର୍ଚ୍ଚିତ ନାଟକ 'ବାର୍ ଗାର୍ଲ'ର ନାୟିକା ଜୟଶ୍ରୀ ମହାନ୍ତି (ବିନି)ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର।

**ଆପଣ ଆସାମରେ ଜନ୍ମଗ୍ରହଣ କରିଛନ୍ତି। ଓଡ଼ିଶାର କଳା ପ୍ରତି କିଭଳି ଆକର୍ଷିତ ହେଲେ?**

ଉ- ଆସାମରେ ଜନ୍ମ ହେଲେ ମଧ୍ୟ ମୁଁ ଓଡ଼ିଆ ଝିଅ। ବାପା ଆସାମରେ ଚାକିରି କଲାବେଳେ ଆମେ ଭାଇଭଉଣୀ ଜନ୍ମ ହୋଇଥିଲୁ। ପରେ ବାପାଙ୍କ ବଦଳି ହେବାପରେ ଓଡ଼ିଶା ଆସି ଏଠାରେ ପଢ଼ାପଢ଼ି କଲୁ। ଏଠି ରହିବା ମଧ୍ୟରେ କଳା ପ୍ରତି ଆକର୍ଷଣ ବଢ଼ିଲା।

**ଆପଣ ଯାତ୍ରାକୁ କେବେ ଆସିଲେ? ପୂର୍ବରୁ କ'ଣ କରୁଥିଲେ?**

ଉ- ୨୦୦୫ ମସିହାରୁ ମୁଁ ଥିଏଟର୍ କରି ଆସୁଥିଲି। ପ୍ରାୟ ୧୦ ବର୍ଷ ପୂର୍ବେ ଜଣେ ଅଭିନେତ୍ରୀଙ୍କର ଅକାଳ ବିୟୋଗ ହେବା ପରେ ଅଚାନକ ସୁଯୋଗ ଆସି ପହଞ୍ଚିଲା। ସେବେଠାରୁ ଥିଏଟର୍ ଛାଡ଼ି ଯାତ୍ରାକୁ ଆସିଲି।

**ଥିଏଟର ଭଲ ଲାଗୁଥିଲା ନା ଯାତ୍ରା?**

ଉ- ଥିଏଟର୍ ଓ ଯାତ୍ରା ଉଭୟ ଭଲ। କିନ୍ତୁ ଯାତ୍ରାରେ ଅଧିକ ଦର୍ଶକ ଆସୁଥିବାରୁ ଅଭିନୟ କରିବାକୁ ଭଲ ଲାଗେ। ଭଲ ପାରିଶ୍ରମିକ ମଧ୍ୟ ରହିଛି।

**କାହାଣୀରେ କିଛି ପରିବର୍ତ୍ତନ ହୋଇଛି କି?**

ଉ- ଯୁଗ ସହ ଆମମାନଙ୍କ ପସନ୍ଦ ବଦଳିବା ଭଳି କାହାଣୀରେ ମଧ୍ୟ ପରିବର୍ତ୍ତନ ହୋଇଛି। ବାପା ଭାଇଙ୍କ ଯାହା ପସନ୍ଦ ଠାରୁ ଆମ ପସନ୍ଦ ଭିନ୍ନ। ଯେମିତି ଗୋଟିଏ ପାହାଚ ଦ୍ୱାରା ଆମେ ଛାତ ଉପରକୁ ଯାଇପାରିବା ନାହିଁ, ସେମିତି ଗୋଟିଏ ପ୍ରକାର କାହାଣୀ ହେଲେ ଆମେ ଆଗକୁ ଯାଇପାରିବା ନାହିଁ।

**ଯାତ୍ରା ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ପକାଇଛି କି?**

ଉ- ହଁ, ସୋସିଆଲ ମିଡିଆର ଯେତିକି ସଦୁପଯୋଗ ହେଉଛି ସେତିକି ଦୁରୂପଯୋଗ ମଧ୍ୟ କରାଯାଉଛି। କେତେକ କଳାକାର ଚର୍ଚ୍ଚାରେ ରହିବା ପାଇଁ ଜାଣିଶୁଣି ବିବାଦ ତିଆରି କରୁଛନ୍ତି। ଏହା ସେମାନଙ୍କର ଭୁଲ୍ ଚିନ୍ତାଧାରା। ଛୋଟ ହେଉ ଅବା ବଡ଼, ସବୁ କଳାକାର ପରିଶ୍ରମ କରୁଛନ୍ତି। ହେଲେ ଜଣଙ୍କୁ ହାଇଲାଇଟ୍ କରିବା ଉଚିତ୍ ନୁହେଁ।

**ଯାତ୍ରାକୁ ଅଶ୍ଳୀଳତାର ଆବଶ୍ୟକତା ରହିଛି କି? ଏହା କିପରି ଆସିଲା?**

ଉ- ଯାତ୍ରାରେ ଅଶ୍ଳୀଳତାର କୌଣସି ସ୍ଥାନ ନାହିଁ। କିଛି ଭେଜାଲ୍ ଦର୍ଶକ ଓ କମିଟିମାନଙ୍କ ପାଇଁ ଅଶ୍ଳୀଳତା ଭଳି ଖରାପ ଜିନିଷ ଯାତ୍ରାରେ ପ୍ରବେଶ କରିଛି।

**ଯାତ୍ରା ଜଗତକୁ ଆସୁଥିବା ନବାଗତଙ୍କ ବାଟରେ ବରିଷ୍ଠ ମାନେ ବାଧକ ସାଜୁଛନ୍ତି କି?**

ଉ- କିଛିକାଂଶରେ ଏହା ସତ୍ୟ ଯେ, ବରିଷ୍ଠ କଳାକାରମାନେ ନବାଗତାଙ୍କ ରାସ୍ତାରେ କଣ୍ଟା ସାଜୁଛନ୍ତି। କିଛି କଳାକାର ନବାଗତଙ୍କୁ ରାତାରାତି ଷ୍ଟାର ବନାଇ ଦେଉଛନ୍ତି। ଯେଉଁମାନେ ନିଜକୁ ଅସୁରକ୍ଷିତ ମଣନ୍ତି, ସେମାନେ ଏଭଳି କୁ ଚକ୍ରାନ୍ତ କରନ୍ତି।

**ଖଣ୍ଡଗିରିକୁ ନେଇ କଣ କହିବେ?**

ଉ- ଖଣ୍ଡଗିରିରେ ଯାତ୍ରା ହିଁ ନିଆରା। ଯେତେଟା ପାର୍ଟି ପଡ଼ିଲେ ମଧ୍ୟ ଦର୍ଶକଙ୍କ ଅଭାବ ନାହିଁ। ଏଠି ଅଭିନୟ କଲେ ପ୍ରେରଣା ମିଳେ। କିଏ କିପରି ଅଭିନୟ କରୁଛି ଓ କେଉଁ ପାର୍ଟି ଭଲ ନାଟକ କରୁଛି, ଏଇଠୁ ହିଁ ସାରା ଓଡ଼ିଶାର ନାଟକ ପ୍ରେମୀଙ୍କ ପାଖକୁ ଖବର ଯାଏ।

# ୧୭ ନମ୍ବର ଓାର୍ଡରେ ଭେଣ୍ଡିଂ ଜୋନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୫।୨(ସମିସ):ଭୁବନେଶ୍ୱର ମହାନଗର ନିଗମ ଅର୍ନ୍ତଗତ ୧୭ ନମ୍ବର ଓାର୍ଡରେ ନୂତନ ଭେଣ୍ଡିଂ ଜୋନ୍ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ପୂଜା



ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନାଦାସ ଯୋଗଦେଇ ଭେଣ୍ଡିଂଜୋନ୍ ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ୪୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ହେବାକୁ ଥିବା ଏହି ଭେଣ୍ଡିଂ ଜୋନ୍‌ର କାର୍ଯ୍ୟ ତିନିମାସ ମଧ୍ୟରେ ଶେଷ ହେବା ସହ ବିଏମ୍‌ସି ପକ୍ଷରୁ ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ବାଣୀ ବିହାର ଓ ସତ୍‌ସଙ୍ଗ ବିହାର ରାସ୍ତାକଡ଼ରେ ଥିବା ପ୍ରାୟ ୧୨୦ ଜଣ ଉଠା ଦୋକାନୀଙ୍କୁ ଏଠାରେ ଥଇଥାନ କରାଯିବ। ଉତ୍ତର ମଣ୍ଡଳରେ ଆଜି ପ୍ରଥମ ଭେଣ୍ଡିଂ ଜୋନ ନିର୍ମାଣର ଶୁଭ ଦିଆଯାଇଥିବା ବେଳେ ଖୁବଶୀଘ୍ର ଅନ୍ୟ ୱାର୍ଡ ମାନଙ୍କରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଦୋକାନୀ ମାନଙ୍କୁ ଥଇଥାନ କରାଯିବ ବୋଲି ମେୟର ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଯୁବନେତା ଭୋଳାନାଥ ମହାରଣା ପରିଚାଳନା କରିଥିଲା ବେଳେ ରାମଚନ୍ଦ୍ର ବେହେରା, ସୁସ୍ମିତା ଦାସ, ବିଶ୍ୱନାଥ ଦାସ, ଶିବା ରେଡ୍ଡି, ବାଣୀ ବିହାର ଛକ ବ୍ୟବସାୟୀ ସଂଘର ସଭାପତି ଜୀବଧେନ୍ଦ୍ର ଜେନାଙ୍କ ସମେତ ବଜାର ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ୨୯ ତମ ଯଦୁପୁର କପ୍ ଫୁଟବଲ୍
# ଉଦ୍‌ଘାଟନୀ ମ୍ୟାଚ୍‌ରେ ଗଣ୍ଡରପୁର ବିଜୟୀ

ଭୁବନେଶ୍ୱର, ୫।୨ (ସମିସ): ଯଦୁପୁର ଖେଳ ପଡ଼ିଆରେ ୨୯ ତମ ଯଦୁପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍ଘାଟନ ହୋଇଯାଇଛି। ଆଜିର ଉଦ୍ଘାଟନି ମ୍ୟାଚରେ ୟୁନାଇଟେଡ଼ ୟୁଥ କ୍ଲବ ଗଣ୍ଡରପୁର, ଓଡିଏସ ଫୁଟବଲ ସ୍କୁଲ ଭୁବନେଶ୍ୱରକୁ ପରାସ୍ତ କରିଛି। ଆଜିର ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧/୧ ଗୋଲ ଦେଇ ସ୍ଥିତି ବରାବର ରଖିଥିଲେ। ଖେଳ ଶେଷ ବେଳକୁ ଅମିମାଂସିତ




ରହିବାରୁ ଟ୍ରାଇବେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଟ୍ରାଇବେକର ପଦ୍ଧତିରେ ଗଣ୍ଡରପୁର ଦଳ ୨-୦ ଗୋଲ ଦେଇ ଓଡିଏମ ସ୍କୁଲ କୁ ପରାସ୍ତ କରିଛି। ଆଜିର ଏହି ଉଦ୍ଘାଟନି ମ୍ୟାଚରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଦୁପୁର କ୍ରିଡା ସଂଘର ସଭାପତି ଏସ କେ ଶାହାଜାହାନ ଅଲ୍ଲୀ ଟିକା ଓ ସମ୍ପାଦକ ଏସ କେ ସାବିର ମହମ୍ମଦ ଓ ଯଦୁପୁର ଗ୍ରାମ ସଭାପତି ସୟେଦ ଜାକବର ରହମାନ, ଏସ କେ ଅମିର ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବଂଗତ କଳାକାରଙ୍କୁ ଏମିତି ସମ୍ମାନ
# କାଳଜୟୀ ପ୍ରତିଭାଙ୍କ ଆଗରେ ଶୁଖୁଛି ପାଲଟାଲୁଗା

ଭୁବନେଶ୍ୱର, ୫।୨(ସମିସ): ପୁଣିଥରେ ପ୍ରବାସୀ ଭାରତୀୟ ଭଳି ବଡ଼ ବଡ଼ ସଭା ସମିତିର ଆୟୋଜନ ହେଲେ ମନେପଡ଼ିବ ରାଜଧାନୀ କାନ୍ଥରେ ସୌନ୍ଦର୍ଯ୍ୟକରଣ କଥା। ଗତବର୍ଷ ଭୁବନେଶ୍ୱରରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିବା ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଅବସରରେ ରାଜଧାନୀକୁ ଦିଆଯାଇଥିଲା ନୂଆ ରୂପ। ବିଶେଷ କରି ପ୍ରମୁଖ ରାସ୍ତାଘାଟ ଗୁଡ଼ିକ ଚକାଚକ୍ କରାଯିବା ସାଙ୍ଗକୁ ବିଭିନ୍ନ ସ୍ଥାନରେ ଓଡ଼ିଶାର ପରମ୍ପରା, କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। କାନ୍ଥବାଡ଼ରେ ଟ୍ରାଇବାଲ ଆର୍ଟ ଓ ଝୋଟି ସାଙ୍ଗକୁ ଅଙ୍କାଯାଇଥିଲା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଚିତ୍ର। ସେହିପରି କଳିଙ୍ଗ ଷ୍ଟୁଡ଼ିଓ ରାସ୍ତାରେ ରହିଥିବା ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ କାନ୍ଥରେ ଅଙ୍କାଯାଇଥିଲା ବିଶିଷ୍ଟ ଓ ଦିବଂଗତ କଳାକାରଙ୍କ ଫଟୋଚିତ୍ର ସାଙ୍ଗକୁ କାଳଜୟୀ ସିନେମାର ପୋଷ୍ଟରର ଚିତ୍ର। ଯାହାକି ୮୦ ଦଶକରୁ ଆରମ୍ଭ କରି ବିଂଶ ଶତାବ୍ଦୀ ଯାଏ ଓଲିଆ ସିନେ ଜଗତର ମହାନ କଳାକାର ଓ ସେ ସମୟର ସିନେମାକୁ ପୁଣି ଥରେ ଦର୍ଶକଙ୍କମ ନରେ ଉଜ୍ଜିବୀତ କରୁଥିଲା ଏହି ଚିତ୍ର। ହେଲେ ଏହି ଚିତ୍ର କେ. ଦିନକେଇଟା ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। କାରଣ ମାତ୍ର ସପ୍ତାହ କି ଦଉି ସପ୍ତାହ ପରେ ଏହି ସବୁ ଚିତ୍ର ଲୁଚି ଯାଇଛି। ସାମ୍ନାରେ ଶୁଖୁଛି ନିକଟସ୍ଥ ବସ୍ତି ବାସିନ୍ଦାଙ୍କ ପୋଷାକ ଓ ଲୁଗା। ତେବେ ସରକାରଙ୍କ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ସହ କଳା ଛାତ୍ରଛାତ୍ରୀଙ୍କ ପରିଶ୍ରମ ଏବେ ବଣବୁଦା ଓ ଲୁଗା ଆଢୁଆଳରେ ଲୁଚି ଯାଇଥିବା ଆଲୋଚନା ହେଉଛି।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୨୨ ଅଧୀନରେ ରହିଛି କଳିଙ୍ଗ ଷ୍ଟୁଡିଓ ରାସ୍ତା। ରାସ୍ତାରେ ଗୋଟିଏ ପାର୍ଶ୍ୱରେ ବସ୍ତି ରହିଥିବା ବେଳେ ଅନ୍ୟପଟେ ରହିଛି କଳିଙ୍ଗ ଷ୍ଟୁଡ଼ିଓ ସମେତ ସରକାରୀ କାର୍ଯ୍ୟାଳୟ। ନାକାଗେଟ୍ ଛକରୁ ଷ୍ଟୁଡ଼ିଓ ଛକ ଯାଏ ପ୍ରାୟ ୧କିଲୋମିଟର ପର୍ଯ୍ୟନ୍ତ ପାଚେରୀରେ ଫକୀର ମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ ଛମାଣ ଆଠ ଗୁଣ୍ଠ ଠାରୁ ଆରମ୍ଭ କରି ଦଣ୍ଡାବାଳୁଙ୍ଗା, ରାଜା ହରିଶ୍ଚନ୍ଦ୍ର, କାବେରୀ, ଅଭିନେତ୍ରୀ, ଧରିତ୍ରୀ, ବାବୁଲା, ଜଜନୀ, ଅନୁତାପ, ମାୟା ମିରିଗ, ଅସ୍ତରାଗ, ଶେଷ ଶ୍ରାବଣ, ଡାକ ମୁନିଷୀ, ମାଗୁଣିର ଶଗଡ଼, ମା' ପରି କିଏ ହେବ, କାଶିଆ କପିଳା, ପୂଜା, ସମୟ, ମଳାଜହ୍ନ, ଜୟଦେବ, ଚିଲିକାତୀରେ, ନୂଆବୋଉ ଆଦି ଅନେକ କାଳଜୟୀ ଓଡ଼ିଆ ସିନେମାର ପୋଷ୍ଟର ସାଙ୍ଗକୁ ମୁଖ୍ୟ ଅଭିନେତା, ଖଳନାୟକ, ଅଭିନେତ୍ରୀଙ୍କ ଛବି ମଧ୍ୟ ରହିଛି। ସେହିପରି ୮୦ ଦଶକର ବଳିଷ୍ଠ କଳାକାର ଦୁଃଖୀରାମ ସ୍ୱାଇଁ, ଶ୍ରୀରାମ ପଣ୍ଡା, ଅଜିତ ଦାସ, ବିଜୟ ମହାନ୍ତି, ଦେବୁ ବୋଷ, ଶରତ ପୂଜାରୀ, ଧିର ବିଶ୍ୱାଳ, ମୀନକେତନ, ମିହିର ଦାସ, ଝରଣା ଦାସ, ଅନିତା ଦାସ, ନମ୍ରତା ଦାସଙ୍କ ସମେତ ଉତ୍ତମ ମହାନ୍ତି, ଅପରାଜିତା ପ୍ରମୁଖ କଳାକାରଙ୍କ ଚିତ୍ରକୁ ବେଶ୍ ଜୀବନ୍ତ ଭାବେ ଅଙ୍କାଯାଇଛି। ଯାହାକି ଏହି ରାସ୍ତା ଦେଇ ଯାଉଥିବା ପ୍ରତ୍ୟେକ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ହେଲେ ଏବାବାଦକୁ ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ଏହାକୁ ବାସ୍ତବ ରୂପ ଦେଇଥିବା ଶିଳ୍ପୀ ସବୁ ପରିଶ୍ରମ ବୃଥା ଯାଇଛି। ଚିତ୍ର ହୋଇଥିବା ସ୍ଥାନ ଗୁଡ଼ିକ ଆଗରେ ରହିଥିବା ବାଡ଼ ଉପରେ ନିକଟସ୍ଥ ବସ୍ତି ବାସିନ୍ଦାମାନେ ଗାଧୁଆ ଶୁଗାପଟା ଶୁଖାଉଥିବା ଦେଖିବାକୁ ମିଳିଛି। ଏମିତିକି ପ୍ରାୟ ଏକ କିଲୋମିଟର ଯାଏ କୌଣସି ଚିତ୍ର ସ୍ପଷ୍ଟ ଭାବେ ଦିଶୁନଥିବାରୁ ପଥଚାରୀମାନେ ଅସନ୍ତୋଷ ପ୍ରକାଶ କରି କଳାକାରମାନଙ୍କୁ ଅସମ୍ମାନୀତ କରାଯାଉଥିବା କହିଛନ୍ତି। ଏନେଇ ୱାର୍ଡର କର୍ପୋରେଟର କିରଣ ବାଳା ମାଝୀଙ୍କ କହିଛନ୍ତି, ନିକଟସ୍ଥ ଚାଳସାହି ବସ୍ତିରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ନିର୍ବାଚନ ପୂର୍ବରୁ ସେମାନଙ୍କ ପାଇଁ ଘାଟିଆ ଦୁର୍ଗାମଣ୍ଡପ ନିକଟରେ ଘର ତିଆରି ହୋଇ ସର୍ଭେ ମଧ୍ୟ ହୋଇଥିଲା। ହେଲେ ସରକାର ବଦଳିବା ପରେ ଏପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାନାନ୍ତର କରାଯାଉ ନାହିଁ। ଫଳରେ ସେମାନେ ଏହି ରାସ୍ତାକଡ଼କୁ କବଜା କରିବା ସହ ଏହି ସ୍ଥାନଗୁଡ଼ିକ ବ୍ୟବହାର କରୁଛନ୍ତି।




କଳିଙ୍ଗ ଷ୍ଟୁଡିଓ ଛକ ରାସ୍ତା ପାଚେରି ଚିତ୍ର

ପ୍ରଧାନଶିକ୍ଷକଙ୍କ ଗିରଫଦାରୀକୁ ନେଇ ଥମୁନି ଉତ୍ତେଜନା

# ଆଗକୁ ପରୀକ୍ଷା, ଅନିଶ୍ଚିତତାରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ

ନିଶ୍ଚିନ୍ତକୋଇଲି,୫।୨(ସମିସ): ଶିକ୍ଷା ଅଧିକାର ଆଇନକୁ ଉପହାସ କଲାଭଳି ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକରୁ। ସରପଡ଼ା ପଞ୍ଚାୟତସ୍ଥିତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗତ ୫ ଦିନ ହେବ ପାଠ ପଢ଼ିବା ପାଇଁ ଜଣେ ହେଲେ ଛାତ୍ରଛାତ୍ରୀ ଆସୁନାହାନ୍ତି। ପ୍ରତ୍ୟେକ ଦିନ ଦୁଇ ଜଣ ଶିକ୍ଷୟିତ୍ରୀ ସ୍କୁଲ୍ ଖୋଲି ଛାତ୍ରଛାତ୍ରୀଙ୍କୁ ଅପେକ୍ଷା କରୁଥିଲେ ମଧ୍ୟ ସନ୍ଧ୍ୟାରେ ଖାଲି ହାତରେ ଘରକୁ ଫେରୁଛନ୍ତି। ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ୯୧ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଦାସଙ୍କୁ ଏକ ମିଥ୍ୟା ମାମଲାରେ ଫସାଇ ଗିରଫ କରାଯାଇ ଜେଲ୍ ପଠାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟତା ପର୍ଦ୍ଦାଫାସ୍ କରିବା ପାଇଁ

### ଶିକ୍ଷକ ଆସୁଛନ୍ତି; ହେଲେ ଆସୁନାହାନ୍ତି ଛାତ୍ରଛାତ୍ରୀ

### ବିଇଓଙ୍କ ନିରବତାକୁ ନେଇ ପ୍ରଶ୍ନ

ଗ୍ରାମବାସୀ ଓ ଅଭିଭାବକମାନେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ମାତ୍ର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ସ୍କୁଲ୍ ପଠାଇବା ବନ୍ଦ କରିଦେଇଛନ୍ତି। ବର୍ତ୍ତମାନ କାର୍ଯ୍ୟରତ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ବଦଳି କରି ନୂଆ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହେଉଥିଲେ ହେଁ ବିଇଓ ନୀରବ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବିଦ୍ୟାଳୟରେ ଶିଶୁବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୧ ଜଣ ପିଲା ପଢୁଛନ୍ତି। ଆଗକୁ ବାର୍ଷିକ ପରୀକ୍ଷା ଥିବା ବେଳେ ଲଗାତାର ୫ ଦିନ ଧରି ପାଠପଢ଼ା ବନ୍ଦ ରହିବା ପିଲାଙ୍କ ପାଇଁ ବଡ଼ କ୍ଷତି। ଶିକ୍ଷୟିତ୍ରୀମାନେ ସିଆରସିସିଙ୍କ ଜରିଆରେ ବିଇଓଙ୍କୁ ପ୍ରତିଦିନ ସୂଚନା ଦେଉଥିଲେ ମଧ୍ୟ ଶିକ୍ଷାଧିକାରୀ କାହା ବଳରେ ନିରବଦ୍ରଷ୍ଟା ସାଜିଛନ୍ତି, ତାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଅନ୍ୟ ସ୍କୁଲରେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଉଥିବା ବେଳେ ଏଠାରେ କାହିଁକି ବ୍ୟବସ୍ଥା କରାଯାଉନାହିଁ? ଶିକ୍ଷା ବିଭାଗର ଏଭଳି ଦାୟିତ୍ୱହୀନତା ପାଇଁ କିଏ ଦାୟୀ? ତୁରନ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏହି ମାମଲାରେ ହସ୍ତକ୍ଷେପ କରି ବିଦ୍ୟାଳୟରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବାକୁ ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ହୋଇଛି।

## କୋଲେଶ୍ୱର ପଞ୍ଚାୟତକୁ ଏନ୍‌ଏସି ଗୁଜବ; ସରପଞ୍ଚଙ୍କ ସ୍ପଷ୍ଟୀକରଣ

ବଡ଼ମ୍ବା,୫।୨(ସମିସ): ବଡ଼ମ୍ବା ବ୍ଲକ୍ କୋଲେଶ୍ୱର ପଞ୍ଚାୟତକୁ ବିଜ୍ଞପ୍ତିତ ଅଞ୍ଚଳ ପରିଷଦ (ଏନଏସି)ରେ ଅନ୍ତର୍ଭୁକ୍ତ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ମିଥ୍ୟା ଗୁଜବ ସୃଷ୍ଟି ହୋଇଛି। ପୂର୍ବରୁ କୋଲେଶ୍ୱର ପଞ୍ଚାୟତକୁ ବଡ଼ମ୍ବା ଏନଏସିରେ ସାମିଲ କରିବା ପାଇଁ ପ୍ରଶାସନିକସ୍ତରରେ ନକ୍ସା ପ୍ରସ୍ତୁତ ହୋଇଥିଲା। ଏନେଇ ସରପଞ୍ଚ ସନ୍ଧ୍ୟାରାଣୀ ହୋତା ୨୦୨୪ ଡିସେମ୍ବର ୬ ତାରିଖରେ ଗ୍ରାମସଭା କରି ଲୋକଙ୍କୁ ଅବଗତ କରାଇଥିଲେ ହେଁ, କିଛି ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ଏହା ବାଦ୍ ପଡ଼ିଥିଲା। ତେବେ ପରବର୍ତ୍ତୀ ସମୟରେ କିଛି ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ନେଇ ଭ୍ରାମକ ତଥ୍ୟ ପ୍ରଚାର କରାଯାଉଥିବା ଅଭିଯୋଗ ହୋଇଛି। ସରପଞ୍ଚ ଶ୍ରୀମତୀ ହୋତା ଏହି ଗୁଜବକୁ ଖଣ୍ଡନ କରି କହିଛନ୍ତି ଯେ କେତେକ ରାଜନୈତିକ ବ୍ୟକ୍ତି ତାଙ୍କୁ ବଦନାମ କରିବା ପାଇଁ ଲୋକଙ୍କୁ ଭ୍ରମିତ କରୁଛନ୍ତି। ବାସ୍ତବରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ପିଟିସନ କରିଥିବା ବ୍ୟକ୍ତିଙ୍କୁ ୬ ସପ୍ତାହ ମଧ୍ୟରେ ନିଜର ମତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ବର୍ତ୍ତମାନ ସୁଦ୍ଧା କୋଲେଶ୍ୱର ପଞ୍ଚାୟତ ଏନଏସିରୁ ବାଦ୍ ପଡ଼ିଛି। ପଞ୍ଚାୟତର ବିକାଶ ପାଇଁ ଏହାର ୬ଟି ରାଜସ୍ୱ ଗ୍ରାମକୁ ବଡ଼ମ୍ବା ଏନଏସିରେ ଅନ୍ତର୍ଭୁକ୍ତ କରିବାକୁ ସରପଞ୍ଚ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପଞ୍ଚାୟତବାସୀ ମଧ୍ୟ ଏହି ସାମିଲ ପ୍ରକ୍ରିୟା ଦ୍ୱାରା ଅଞ୍ଚଳର ଉନ୍ନତି ହେବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଅଗ୍ନିକାଣ୍ଡରେ ୩ ଭାଇଙ୍କ ୫ ବଖରା ଘର ଭସ୍ମୀଭୂତ



ଟାଙ୍ଗୀ/ଚୌଦ୍ୱାର,୫।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ତିନି ଭାଇଙ୍କ ୫ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ହୃଦାନନ୍ଦ ସ୍ୱାଇଁ, ସଦାନନ୍ଦ ସ୍ୱାଇଁ ଓ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ପରିବାରର ସମସ୍ତ ସଦସ୍ୟ ସୁରକ୍ଷିତ ଥିଲେ ହେଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ରୋଷେଇ ଘରୁ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଗ୍ୟାସ୍ ଟାଙ୍କି ପର୍ଯ୍ୟନ୍ତ ବ୍ୟାପିଯିବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ସାଇତା ଧାନ, ଚାଉଳ, ଆସବାବପତ୍ର ସମେତ ଆଲମାରୀରେ ଥିବା ଟଙ୍କା ଓ ଗହଣା ପୋଡ଼ି ନଷ୍ଟ ହୋଇଯାଇଥିଲା। ଟେଟ୍ରାହେଡ୍ରନ୍ ଟ୍ରଷ୍ଟ ଅଧ୍ୟକ୍ଷ ତ୍ରିଦେବ ବେହେରା ଖାଦ୍ୟ ସାମଗ୍ରୀ ଓ ବସ୍ତ୍ର ପ୍ରଦାନ କରିଥିବା ବେଳେ ସମାଜ ରିଲିଫ୍ କମିଟି ପକ୍ଷରୁ ଆର୍ଥିକ ସହାୟତା ଓ କମ୍ବଳ ଯୋଗାଇ ଦିଆଯାଇଛି। ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ସମିତିସଭ୍ୟା ସୁମିତ୍ରା ବେହେରା ଏବଂ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ପ୍ରମୁଖ ପରିବାରକୁ ସମବେଦନା ଜଣାଇବା ସହ ଜରୁରିକାଳୀନ ସହାୟତା ଯୋଗାଇ ଦେଇଥିଲେ। ଗ୍ରାମବାସୀ ଓ ସ୍ଥାନୀୟ ସମାଜସେବୀଙ୍କ ମିଳିତ ସହଯୋଗରେ ପୀଡ଼ିତଙ୍କୁ ଉଦ୍ଧାର କରାଯାଇଛି।

## ପାଗଳା କୁକୁର କାମୁଡ଼ାରେ ୫ ଆହତ

ସାଲେପୁର,୫।୨(ସମିସ): କିଛି ଦିନ ହେବ ଏକ ପାଗଳ କୁକୁର ପିକୋଲ ପଞ୍ଚାୟତରେ କୋକୁଆଭୟ ସୃଷ୍ଟି କରିଛି। ପାଗଳା କୁକୁର କାମୁଡ଼ାରେ ଏହି ପଞ୍ଚାୟତ ୫ରୁ ଊର୍ଦ୍ଧ୍ୱ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଏହି ପାଗଳା କୁକୁର କାମୁଡ଼ାରେ ମାଣିତ୍ରୀର ସଞ୍ଜୟ ମଲ୍ଲିକ (୫୨), ଜରିନ ଆରା (୧୩), ଅଜମେରୀ ବିବିଙ୍କ ସମେତ ୫ ଜଣ ଲୋକ ଆହତ ହୋଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସାଇଗୋଡ଼ା ଗ୍ରାମରେ ମଧ୍ୟ ବହୁ ଲୋକଙ୍କୁ କୁକୁର କାମୁଡ଼ିବା ଫଳରେ ଗାଁଲୋକମାନେ ଘରୁ ବାହାରୁ ନାହାନ୍ତି। ସ୍କୁଲ ପିଲା ଏବଂ ମହିଳାମାନେ ବେଶୀ ଭୟଭୀତ ହୋଇପଡ଼ିଛନ୍ତି। ପାଗଳ କୁକୁରଟିକୁ ଏ ପର୍ଯ୍ୟନ୍ତ କେହି ଧରିବାକୁ ସାହସ କରୁନାହାନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ପାଗଳ କୁକୁରକୁ ଧରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଟାଙ୍ଗୀ ବିଦ୍ୟାପୀଠ ପୁରସ୍କାର ବିତରଣ ଉତ୍ସବ



ଟାଙ୍ଗୀ,୫।୨(ସମିସ): ଟାଙ୍ଗୀ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିରଣ ଉତ୍ସବ 'ବିଦ୍ୟାୟନ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମହେନ୍ଦ୍ର ଘଡାଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଜନସେବକ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ଓ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଭଗବାନ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ବିଦ୍ୟାପୀଠର ପୁରାତନ ଛାତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶିକ୍ଷାନୁଷ୍ଠାନର ଗୌରବମୟ ଐତିହ୍ୟ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କର୍ମଯୋଗୀ ସ୍ୱର୍ଗତ ଧନେଶ୍ୱର ରଥ ଓ ପଦ୍ମିନୀ ରଥ ସ୍ମୃତି ପାଣ୍ଠିରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ନାୟକ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଏବଂ ମୁଖ୍ୟବକ୍ତା ଭାବରେ ଟେଟ୍ରାହେଡ୍ରନ୍ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଶିକ୍ଷାବିତ୍ ତ୍ରିଦେବ ବେହେରା, ପୁରାତନ ଛାତ୍ର ସଂଘ ସାଧାରଣ ସଂପାଦକ ବିଜୟ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗୋତ୍ରୀ ରଥ, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଅମୂଲ୍ୟ ସାହୁ, ସିଆରସିସି ଭକ୍ତିରଞ୍ଜନ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ମଧୁସ୍ମିତା ପ୍ରଧାନ ଅତିଥି ପରିଚୟ, ବରିଷ୍ଠ ଶିକ୍ଷୟିତ୍ରୀ ଦେବିକାରାଣୀ ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଶିକ୍ଷୟିତ୍ରୀ ଲୋପିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ଦାବିନେଇ ସିପିଆଇ ପକ୍ଷରୁ ବିକ୍ଷୋଭ




ସାଲେପୁର,୫।୨(ସମିସ): ବିଭିନ୍ନ ଦାବିନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଜି ସାଲେପୁର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାଲେପୁର ବ୍ଲକ୍ ଚମ୍ପତି ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଅଧିବାସୀଙ୍କୁ ଥଇଥାନ, ସାଲେପୁର ବ୍ଲକ୍‌ରେ ହେଉଥିବା ବ୍ୟାପକ ଦୁର୍ନୀତିର ଆଶୁ ନିରାକରଣ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା, ୩ ଶହ ୟୁନିଟ୍ ବିଦ୍ୟୁତ୍ ଛାଡ କରିବା ଓ ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର କରିବା, ବିଧବା ଭତ୍ତା ଓ ବାର୍ଦ୍ଧକ୍ୟଭତ୍ତାକୁ ବୃଦ୍ଧି କରିବା ପ୍ରଭୃତି ବିଭିନ୍ନ ଦାବି ନେଇ ସିପିଆଇ ପକ୍ଷରୁ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ଉଦୟ କେଶରୀ ବର୍ମା, ଶ୍ରମିକ ନେତା ତୈଲୋକ୍ୟନାଥ, ସୁନାକର ବରାଳ, କଣ୍ଠୁରି ଚରଣ ପାତ୍ର, ହିମାଂଶୁ ଭୂୟାଁ, ସନାତନ ମଲ୍ଲିକ, ପ୍ରମୋଦ ପ୍ରଧାନ, ରଥଚରଣ ସିଂହ, କୈଳାସ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, କାମିନୀ ପ୍ରଧାନ, ରଞ୍ଜିତା ସିଂହ, କ୍ଷୀରୋଦ ବେହେରା, ହରିହର ମହାନ୍ତି, ସେକ୍ ରିଜୁଆନ୍, ସେକ୍ ସାଗିର, ବାସୁଦେବ ଓଝା, ସୁଦାମ ବାରିକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି।

## ପ୍ରସନ୍ନମଣୀଙ୍କ ରଥ ଖଳା ପୁନରୁଦ୍ଧାର ପାଇଁ ମାପଚୁପ



ତିଗିରିଆ,୫।୨(ସମିସ): ଗୁପ୍ତ ଶ୍ରୀକ୍ଷେତ୍ରର ମାନ୍ୟତା ଉପସ୍ଥାପନ କରୁଥିବା ଗଡ଼ଜାତୀୟ ରାଜ୍ୟ ତିଗିରିଆର ଆରାଧ୍ୟ ପ୍ରଭୁ ଶ୍ରୀ ପ୍ରସନ୍ନମଣୀଙ୍କ ରଥଖଳା ସ୍ଥାନର ପୁନରୁଦ୍ଧାର ପାଇଁ ମାପଚୁପ ଆରମ୍ଭ ହୋଇଛି। ଗତ ୨ ତାରିଖରେ ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ତିଗିରିଆ ନିଜିଗଡ଼ ଗ୍ରାମର ବୁଦ୍ଧିଜୀବୀ, ପରିଚାଳନା ଟ୍ରଷ୍ଟି, ସରପଞ୍ଚ ପ୍ରତିନିଧି ପ୍ରମୁଖ ରଥଖଳା ସ୍ଥାନକୁ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷର କରିଥିଲେ। ତିଗିରିଆ ତହସିଲ ପକ୍ଷରୁ ନିଜିଗଡ ରାଜସ୍ୱ ନିରୀକ୍ଷକ ରାମନାଥ ଗୁରୁ ଏବଂ ସରକାରୀ ଅମିନ ବିଭୂତି ଭୂଷଣ ସାହୁ ସହାୟତାରେ ମାପଚୁପ କରିଥିବା ଜଣାପଡିଛି। ଏହି ସମୟରେ ମନ୍ଦିର ପରିଚାଳନା ଟ୍ରଷ୍ଟି ଲଳିତକୃଷ୍ଣ ଦାସ, ସରପଞ୍ଚ ପ୍ରତିନିଧି ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ସମାଜସେବୀ ଗିରିଜା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ପାଦୁକା ଭ୍ରମଣ



ନିଆଳି,୫।୨(ସମିସ): ନିଆଳି ବ୍ଲକ ପୋଦନା ଗ୍ରାମରେ ସର୍ବଧର୍ମ ସମନ୍ୱୟର ପ୍ରଚାରକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀ ବିଗ୍ରହ ଓ ପାଦୁକା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଶୁ ଗୁରୁପ୍ରସାଦଙ୍କ ପ୍ରଥମ ଜନ୍ମୋତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଗୁରୁଦେବଙ୍କ ପାଦୁକାକୁ ଏକ ପୁଷ୍ପ ବିମାନରେ ପରିକ୍ରମା କରାଯାଇଥିଲା। ପୂଜକ ବାବାଜୀ ଦିବ୍ୟକୃଷ୍ଣ ଦାସ ଷୋଡ଼ଶ ଉପଚାର କରିଥିଲେ। ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ସତସଙ୍ଗକୁ ଅରକ୍ଷିତ ଲେଙ୍କା ଓ ଭଜନୀ ଲେଙ୍କାଙ୍କ ସମେତ ସେବକମାନେ ପରିଚାଳନା କରିଥିଲେ। ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ।

## ଏନ୍‌ସିସି ଛାତ୍ରଙ୍କୁ ସମ୍ବର୍ଦ୍ଧନା




ନେମାଳ,୫।୨(ସମିସ): ଆରଡିସି ୨୦୨୬ ନୂଆଦିଲ୍ଲୀ ଗଣତନ୍ତ୍ର ଦିବସ ଶିବିରରେ ଅଂଶଗ୍ରହଣ କରିଥିବା ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଯୁକ୍ତ ତିନି ଦ୍ୱିତୀୟ ବର୍ଷ କଳା ବିଭାଗର ଛାତ୍ର ସିପିଏଲ୍ ହରେକୃଷ୍ଣ ଗୋଛାୟତଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଫାଷ୍ଟ ଓଡ଼ିଶା ଅର୍ଟିଲାରି ବ୍ୟାଟେରୀ ଏନସିସିର ଜେସିଓ ସୁବେଦାର୍ ସନ୍ଦୀପ ପାଟିଲଙ୍କ ସହ ମହାବିଦ୍ୟାଳୟର ପ୍ରାଧ୍ୟାପକ ଗଗନ ବିହାରୀ ଦାସ, ପ୍ରାଧ୍ୟାପକ ବିପିନ ବିହାରୀ ଦାସ, ଅଧ୍ୟାପକ ବିକାଶ ରଞ୍ଜନ ବେହେରା ଓ ଅଧ୍ୟାପକ ସୂର୍ଯ୍ୟକାନ୍ତ ଥାପା ଆରଡିସି କ୍ୟାଡେଟକୁ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟ ଏନସିସିର ମୁଖ୍ୟ ଅଧ୍ୟାପକ ଲେଫ୍ଟନାଣ୍ଟ ସୁଶାନ୍ତ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିନୟ ଦାସ ଧନ୍ୟବାଦ ଦେଇଥିଲେ।

## ୪ ପ୍ରକଳ୍ପର ଶିଳାନ୍ୟାସ

ନିଶ୍ଚିନ୍ତକୋଇଲି,୫।୨(ସମିସ): କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ରେ ଚାରୋଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗୁରୁବାର ପୂର୍ବାହ୍ନରେ ଶୁଭ ଶିଳାନ୍ୟାସ କରିଛନ୍ତି। ପ୍ରଥମେ କୁଳିଆ ବଜାର ନିକଟରେ ୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୭ ନମ୍ବର କେନାଲର ଉନ୍ନତିକରଣ ଓ କଂକ୍ରିଟ ଲାଇନିଂ କାର୍ଯ୍ୟ ଏବଂ କୁଳିଆ-କୋଳଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ମରାମତି କାର୍ଯ୍ୟ କରାଯିବା ପାଇଁ ଶୁଭ ଶିଳାନ୍ୟାସ କରିଥିଲେ। ପରେ ତହସିଲଛକ ରିସୋଠାରେ ପିଡବ୍ଲୁଡି ରାସ୍ତାଠାରୁ ନଟରା ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ରାସ୍ତାକୁ ମରାମତି କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ କରିଥିଲା ବେଳେ କେନ୍ଦ୍ରାପଡା କେନାଲର ୮(ଖ) ଶାଖା କେନାଲର ଉନ୍ନତିକରଣ ଓ କଂକ୍ରିଟ ଲାଇନିଂ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସରପଞ୍ଚ ଗୋପବନ୍ଧୁ ସେଠୀ, ସମିତିସଭ୍ୟା ସବିତା ସାମଲ, ସରପଞ୍ଚ ତିଲୋତ୍ତମା ରାଉତ, ସମିତିସଭ୍ୟ ଅଶୋକ ଓଝା, ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ମଲ୍ଲିକ ଓ କନିଷ୍ଠ ଯନ୍ତ୍ରୀ ସୁଭଦ୍ରା ଓଝାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।



## ପୂର୍ବତନ ବିଧାୟକ ରାଜକିଶୋର ରାମଙ୍କୁ ଶ୍ରଦ୍ଧାଞ୍ଜଳି



ଟାଙ୍ଗୀ,୫।୨(ସମିସ): ଶିକ୍ଷାବିତ୍ ତଥା ପୂର୍ବତନ ବିଧାୟକ ରାଜକିଶୋର ରାମଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଟାଙ୍ଗୀ ବାସଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଜକିଶୋର ରାମ 'ଶିଶୁ ଉଦ୍ୟାନ' ପରିସରରେ ଥିବା ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଧାୟକ ପ୍ରଶାନ୍ତ ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଟେଟ୍ରାହେଡ୍ରନ୍ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ତ୍ରିଦେବ ବେହେରା, ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଶିଳ୍ପଦ୍ୟୋଗୀ ସୁରେନ୍ଦ୍ରନାଥ ସାହୁ, ଜ୍ଞାନରଞ୍ଜନ ବେହେରା, ତାପସ ରଞ୍ଜନ ମଲ୍ଲିକ, ଚୌଦ୍ୱାର ଉପନଗରପାଳ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କିରଣବାଳା ନାୟକ, ସୁବୋଧ ସାମଲ, ଡାଲମିଆ ସିମେଣ୍ଟର ବରିଷ୍ଠ ଅଧିକାରୀ ଦେବୀ ପ୍ରସାଦ ଦାସ, ସୁଧୀର ମହାନ୍ତି, କୋଟେଶ୍ୱର କଲ୍ୟାଣ ସମିତିର ସଂପାଦକ ଶୁଭେନ୍ଦ୍ର ନାଥ ଷଡଙ୍ଗୀ, ଓଡିଶୀ ସଂକୀର୍ତ୍ତନ ମହାମଣ୍ଡଳ ସଭାପତି ଦୟାନିଧି ସାହୁ, ଅଧିକାରୀ ବିଶ୍ୱନାଥ ସ୍ୱାଇଁ, ଅମୂଲ୍ୟ ସାହୁ, ଆକାଶ ପାତ୍ର, କୋଟସାହି ସରପଞ୍ଚ ସୁମନ୍‌ପ୍ରଭା ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜନପ୍ରତିନିଧି, ରାଜନୈତିକ ଦଳର ପ୍ରତିନିଧି, ମୁରବୀ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଏବଂ ପରିବାର ସଦସ୍ୟ ସ୍ୱର୍ଗତ ରାମଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟବଳୀର ସ୍ମୃତିଚାରଣ କରିଥିଲେ।

## କଳାକାରଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ତିଗିରିଆ,୫।୨(ସମିସ): ତିଗିରିଆ ଥାନା ଅନ୍ତର୍ଗତ ସୁଣ୍ଡିପାଳ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦଧିବାମନଜୀଉଙ୍କ ବାର୍ଷିକ ଉତ୍ସବରେ ଗ୍ରାମ କଳାକାରଙ୍କ ଦ୍ୱାରା ଆୟୋଜିତ ଦୁଇଦିନିଆ ଡ୍ରାମା କାର୍ଯ୍ୟକ୍ରମରେ ଯୋଗ ଦେଇ ଯାଜପୁର ଜିଲ୍ଲାର ଏକ ଡ୍ୟାନ୍ସ ଗ୍ରୁପ ଫେରୁଥିବା ବେଳେ ବଡନାଉପୁଟ ଗ୍ରାମ ନିକଟରେ ବାଙ୍କୀ ଥାନା ପାଳପୁଟ, ବାଉଁଶପୁଟ ଗ୍ରାମର ପ୍ରାୟ ୬ ଜଣ ୩ଟି ବାଇକରେ ଗ୍ରୁପ ମ୍ୟାନେଜର ଏବଂ ମହିଳା କଳାକାରଙ୍କୁ ମାଡ଼ ମାରି ଅସଦାଚରଣ କରିଥିବା ଅଭିଯୋଗରେ ଗୁରୁବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜଣେ ବାଙ୍କୀ ଥାନା ବାଉଁଶପୁଟ ଗ୍ରାମର ଜୀବନ ସେଠୀ ଓ ଅନ୍ୟ ଜଣେ ଯୁବକ ପାଳପୁଟ ଗ୍ରାମର ରଞ୍ଜନ ପରିଡା। ଏହି ଘଟଣାରେ ଆହତ କଳାକାରଙ୍କ ସମେତ କଳାକାର ମହାସଂଘର ଅନ୍ୟାନ୍ୟ ସଦସ୍ୟ ତିଗିରିଆ ଥାନାଧିକାରୀଙ୍କୁ ଭେଟି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ଦାବି କରିଛନ୍ତି।

ସାଲେପୁର ସବ୍‌ଜେଲ୍‌ରେ କଏଦୀଙ୍କୁ ନିର୍ଯାତନା ଅଭିଯୋଗ

# ଖୋଳତାଡ଼ ଆରମ୍ଭ କଲେ ଜେଲ୍ ଡିଆଇଜି

ସାଲେପୁର,୫।୨(ସମିସ): ସାଲେପୁର ସବ୍‌ଜେଲରେ କଏଦୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗର ତଦନ୍ତ ପାଇଁ ଜେଲ୍ ବିଭାଗ ଡିଆଇଜିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଜେଲ୍ ପରିଦର୍ଶନ କରିଛନ୍ତି। ସୂଚନା ମୁତାବକ, ଜେଲ୍‌ରୁ ମୁକୁଳିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ହେମନ୍ତ କୁମାର ଆଚାର୍ଯ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଜେଲ୍ ୱାର୍ଡେନ ଓ କର୍ମଚାରୀମାନେ ଅତିରିକ୍ତ ଖାଦ୍ୟ ମାଗିଲେ କଏଦୀଙ୍କୁ ମାଡ଼ ମାରିବା ସହ ଅମାନୁଷିକ ନିର୍ଯାତନା ଦେଉଛନ୍ତି। ଏହି ସମସ୍ତ ଘଟଣା ଜେଲ୍‌ର ସିସିଟିଭିରେ କଏଦ ଥିବା ନେଇ ମଧ୍ୟ ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ତଦନ୍ତକାରୀ ଟିମ୍ ଆଜି ସାଲେପୁର ସବ୍‌ଜେଲରେ ପହଞ୍ଚି ସିସିଟିଭିର ହାର୍ଡଡିସ୍କ ଜବତ କରିବା ସହ ଜେଲ୍ ମଧ୍ୟରେ ଥିବା କଏଦୀମାନଙ୍କୁ ଏକାନ୍ତରେ ପଚରାଉଚରା କରିଥିବା ଜଣାପଡ଼ିଛି।



ତେବେ ଏହି ଘଟଣାକୁ ନେଇ ଜେଲର ରଶ୍ମିପ୍ରଭା ନାୟକଙ୍କୁ ପଚାରିବାରୁ, ସେ ଏହାକୁ ଏକ ନିୟମିତ ମାସିକ ପରିଦର୍ଶନ ବୋଲି କହି ଏଡ଼ାଇ ଯାଇଛନ୍ତି। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଜେଲ୍ କର୍ମଚାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଆଲୋକୀକରଣ ହେବ ହରିଚନ୍ଦନପୁର ବ୍ୟାରେଜ୍

ସାଲେପୁର,୫।୨(ସମିସ): ସାଲେପୁର ହରିଚନ୍ଦନପୁର ବ୍ରିଜ ଦ୍ୱୀପାଞ୍ଚଳ ସମେତ ଜଗତସିଂହପୁର ଯାତାୟାତ କରିବା ପାଇଁ ମୁଖ୍ୟ ବ୍ରିଜ୍ ହୋଇଥିବାବେଳେ ଏହାକୁ ଖୁବ୍ ଶୀଘ୍ର ଆଲୋକୀକରଣ କରାଯିବା ନେଇ ଗୁରୁବାର ସନ୍ଧ୍ୟାରେ ବିଜେପି ନେତା ଅରିନ୍ଦମ ରାୟ ଚିତ୍ରୋପ୍ତଳା ନଦୀ ଉପରେ ଥିବା ହରିଚନ୍ଦନପୁର ବ୍ୟାରେଜ୍ ପରିଦର୍ଶନ କରିଛନ୍ତି। ରାତ୍ରି ସମୟରେ ବ୍ରିଜ୍‌ରେ ଆଲୋକୀକରଣ ନ ଥିବାରୁ ପଥଚାରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଲେପୁର ଦ୍ୱୀପାଞ୍ଚଳର ରାସ୍ତା କାମ ଠିକ୍ ଭାବରେ ହେଉ ନ ଥିବା ଅଭିଯୋଗ ପରେ ଶ୍ରୀ ରାୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ପିଚୁ ରାସ୍ତା ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ଆମ୍ବା ସଭାପତି ରମେଶ ନାୟକ, ଯଶୋବନ୍ତ ରାଉତଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

